# କଟକ ସିଟି



## କଟକ ଲୋକସଭା ଆସନରେ ପୁଣି ଭର୍ତ୍ତୃହରି ବିଜୟୀ



**କଟକ, ୪।୬(ସମିସ):** କଟକ ଲୋକସଭା ଆସନ ଦୀର୍ଘ ଦଶନ୍ଧି ପରେ ବିଜୁ ଜନତା ଦଳ ହାତରୁ ଖସିଛି। ସପ୍ତମ ଥର ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ। ଏକ ରୋଚକ ଲଢେଇରେ ଭର୍ତ୍ତୃହରି ତାଙ୍କ ନିକଟତମ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ପ୍ରାୟ ୫୭ହଜାର ଭୋଟରେ ପରାସ୍ତ କରିଛନ୍ତି। ଭର୍ତ୍ତୃହରିଙ୍କୁ ମୋଟ ୫ ଲକ୍ଷ ୩୧ ହଜାର ୬୦୧ଭୋଟ ମିଳିଥିବା ବେଳେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ୪ ଲକ୍ଷ ୭୪ ହଜାର ୫୨୪ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ର ମୋଟ ୮୩୮୧୫ଭୋଟ ପାଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ତେବେ ନୋଟାକୁ ୮୧୫୯ଖଣ୍ଡ ଭୋଟ ପଡିଛି। ପ୍ରକାଶଥାଉକି ଏହି ସଂସଦୀୟ କ୍ଷେତ୍ରଟି ବିଗତ ୨୬ ବର୍ଷ ଧରି ବିଜେଡିର ଗଡ଼ ଥିଲା। ପ୍ରଥମ ଥର ପାଇଁ ବିଜୁ ଜନତା ଦଳ ଏଠାରେ ପରାଜୟର ମୁହଁ ଦେଖିଛି। ୨୦୨୪ପୂର୍ବରୁ ହୋଇଥିବା ୬ଟି ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଆସିଥିଲେ। କଟକ ଲୋକସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୪ଟି ଯଥା ବାରବାଟୀ-କଟକ,କଟକ ସଦର,ବଡମ୍ବା ଓ ଖଣ୍ଡପଡା ବିଧାନସଭା ଆସନରେ ବିଜେଡି ବିଧାୟକ ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି।

### ଜିଲ୍ଲାରେ ବିଜେଡିକୁ ୪, ବିଜେପିକୁ ୨ ଓ କଂଗ୍ରେସକୁ ଗୋଟିଏ ଆସନ

## ମାହାଙ୍ଗା ଓ ବଡ଼ମ୍ବାରେ ସ୍ୱାଧୀନ ପ୍ରାର୍ଥୀଙ୍କ ଜିତାପଟ

କଟକ, ୪।୬(ସମିସ)




ଗତ ୨୦୧୯ ସାଧାରଣ ନିର୍ବାଚନରେ କଟକ ଜିଲ୍ଲାର ମୋଟ ୯ଟି ବିଧାନସଭା ଆସନ ମଧ୍ୟରୁ ୮ଟି ବିଜେଡି ଦଖଲ କରିଥିଲା ବେଳେ ଏଥର ଦଳ ହାତରୁ ୪ଟି ଆସନ ଖସିଯାଇଛି। ମାହାଙ୍ଗା, ବଡମ୍ବା, କଟକ ସଦର ଓ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ହାତରୁ ଖସିଯାଇଛି। ଆଠଗଡ, ଚୌଦ୍ୱାର-କଟକ,ସାଲେପୁର ଓ ବାଙ୍କୀ ବିଧାନସଭା ଆସନକୁ ଏଥର ବଜାୟ ରଖିବାକୁ ସକ୍ଷମ ହୋଇଛି ବିଜେଡି। ଅନ୍ୟପଟରେ ବାରବାଟୀ-କଟକ ବିଧାନସଭା କ୍ଷେତ୍ରରେ ୨୦୧୯ନିର୍ବାଚନର ସଫଳତାକୁ ଦୋହରାଇଛି କଂଗ୍ରେସ। ସେହିପରି ପ୍ରଥମ କରି ଜିଲ୍ଲାର ମାହାଙ୍ଗା ଓ ବଡମ୍ବା ବିଧାନସଭା କ୍ଷେତ୍ରରୁ ଦୁଇ ଜଣ ସ୍ୱାଧିନ ପ୍ରାର୍ଥୀ ବିଜୟଲାଭ କରିଛନ୍ତି। ବାରବାଟୀ-କଟକରେ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ସୋଫିଆ ଫିରଦୋସ। ୨୦୧୯ରେ ସୋଫିଆଙ୍କ ପିତା ମହମ୍ମଦ ମୋକିମ ଏହି ଆସନରୁ ବିଜୟୀ ହୋଇଥିଲେ। ଚୌଦ୍ୱାର-କଟକ ବିଧାନସଭା ଆସନ ବିଜେଡିର ଗଡ ବୋଲି ପୁନଃପ୍ରମାଣିତ ହୋଇଛି। ଏଠାରେ ଦ୍ୱିତୀୟ ଥର ପାଇଁ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ ବିଜୟ ହାସଲ କରିଛନ୍ତି। ସୌଭିକଙ୍କ ପିତା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସାଂଗଠନିକ ଦକ୍ଷତା ପାଇଁ ବିଜେଡି ଏହି ଆସନ ବଜାୟ ରଖିପାରିଛି। ଆଠଗଡ ବିଧାନସଭା କ୍ଷେତ୍ରରେ ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଷ୍ଟମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇ ନିଜର ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିଛନ୍ତି। ବାଙ୍କୀରେ ବିଜେଡି ପ୍ରାର୍ଥୀ ଦେବୀରଂଜନ ତ୍ରିପାଠୀ ଦ୍ୱିତୀୟ ଥର ପାଇଁ ଜିତି ନିଜ ପିତା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଗଡ ରକ୍ଷା କରିବାକୁ ସକ୍ଷମ ହୋଇଛନ୍ତି। କଟକ ସଦର ଓ ନିଆଳି ବିଧାନସଭା ଆସନରେ ବିଜେଡିର ଚନ୍ଦ୍ରସାରଥୀ ବେହେରା ଓ ଡା. ପ୍ରମୋଦ ମଲ୍ଲିକଙ୍କୁ ପରାଜୟର ମୁହଁ ଦେଖିବାକୁ ମିଳିଛି। ଏକ ରୋଚକ ଲଢେଇରେ କଟକ ସଦରରୁ ପ୍ରକାଶ ସେଠୀ ଓ ନିଆଳିରୁ ଛବି ମଲ୍ଲିକ ବିଜେପି ପ୍ରାର୍ଥୀ ଭାବେ ଜିତିଛନ୍ତି। ବିଜେପି ଟିକଟରୁ ବଞ୍ଚିତ ହୋଇ ମାହାଙ୍ଗାରେ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନ ଓ ବଡମ୍ବାରେ ବିଜୟ ଦଳବେହେରା ନିଜର ପତିଆରା ଜାହିର କରିବା ସହ ବିଜୟୀ ହୋଇପାରିଛନ୍ତି। ବଡମ୍ବାରେ ୬ ଥରର ବିଧାୟକ ବିଜେଡି ପ୍ରାର୍ଥୀ ଦେବୀ ମିଶ୍ର ଓ ମାହାଙ୍ଗାରେ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ପୁତ୍ର ଅଙ୍କିତ ପ୍ରତାପ ଜେନାଙ୍କୁ ହରାଇବାକୁ ସକ୍ଷମ ହୋଇଛନ୍ତି ଦୁଇ ସ୍ୱାଧୀନ ପ୍ରାର୍ଥୀ। ତେବେ, ସାଲେପୁର ବିଧାନସଭା ଆସନରେ ଦ୍ୱିତୀୟ ଥର ପାଇଁ ବାଜିମାତ କରିଛନ୍ତି ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରା।

### ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ର

## ଗଡ଼ ବଜାୟ ରଖିଲେ ସୌଭିକ

କଟକ,୪।୬(ସମିସ)



● ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନୟନଙ୍କୁ ୧୭,୮୧୬ ଖଣ୍ଡ ଭୋଟ୍‌ରେ ହରାଇଲେ

ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ବିଜୁ ଜନତା ଦଳର ବିଜୟ ସହଜସାଧ୍ୟ ହୋଇଛି। ପୁଣି ଥରେ ଏହି ଆସନକୁ ଅକ୍ତିଆରରେ ରଖିଛନ୍ତି ବିଜେଡିର ଯୁବ ନେତା ସୌଭିକ ବିଶ୍ୱାଳ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପିର ବରିଷ୍ଠ ନେତା ନୟନ କିଶୋର ମହାନ୍ତିଙ୍କୁ ସେ ୧୭ହଜାର ୮୧୬ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ସୌଭିକଙ୍କର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ୧୧ ଜଣ ପ୍ରାର୍ଥୀଙ୍କୁ ପଛରେ ପକାଇ ଚୌଦ୍ୱାର-କଟକ ଗଡ ବଜାୟ ରଖିବାରେ ସେ ସକ୍ଷମ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ଅନେକ ବିକାଶମୂଳକ କାର୍ଯ୍ୟର ଏହା ପ୍ରତିଫଳନ ବୋଲି ସୌଭିକ ପ୍ରତିକ୍ରିୟାରେ କହିଛନ୍ତି।

ଚଳିତଥର ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ ୧୨ଜଣ ପ୍ରାର୍ଥୀ। ସୌଭିକ ସର୍ବାଧିକ ୭୨ହଜାର ୩୨୫ ଖଣ୍ଡ ଭୋଟ୍ ପାଇ ବିଜୟ ଲାଭ କରିଛନ୍ତି। ନିକଟତମ ପ୍ରତିଦ୍ୱନ୍ଦୀ ନୟନଙ୍କୁ ମିଳିଛି ୫୪ହଜାର ୫୦୯ ଖଣ୍ଡ ଭୋଟ୍। ଏଠାରେ କଂଗ୍ରେସ ୩ୟ ସ୍ଥାନରେ ରହିଛି। କଂଗ୍ରେସ ପ୍ରାର୍ଥୀନୀ ମୀରା ମଲ୍ଲିକଙ୍କୁ ୫ହଜାର ୧୧୮ ଖଣ୍ଡ ଭୋଟ ମିଳିଛି। ସ୍ୱାଧୀନ ପ୍ରାର୍ଥୀନୀ ରୂପାଲି ଲେଙ୍କା ୨ହଜାର ୮୦୪ ଖଣ୍ଡ, ସୁକାନ୍ତ ଚନ୍ଦ୍ର ସାହାଣୀ ୨ହଜାର ୧୧୩ ଖଣ୍ଡ, କମ୍ୟୁନିଷ୍ଟ ପ୍ରାର୍ଥୀ ଖଗେଶ୍ୱର ସେଠୀ ୪୨୪ ଖଣ୍ଡ, ଆମ ଆଦମୀ ପାର୍ଟି ପ୍ରାର୍ଥୀନୀ ବିଜୟଲକ୍ଷ୍ମୀ ମହାପାତ୍ର ୩୬୪ ଖଣ୍ଡ, ସମୃଦ୍ଧ ଓଡ଼ିଶା ପ୍ରାର୍ଥୀ ଲୁଲୁ ବିଶ୍ୱାଳ ୩୦୬ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ରଞ୍ଜିତ ମଲ୍ଲିକ ୨୮୦ ଖଣ୍ଡ, ବିପ୍ଳବ ନନ୍ଦ ୨୨୪ ଖଣ୍ଡ, ଶୋଭା ପାଣ୍ଡେ ୨୦୦ ଖଣ୍ଡ ଏବଂ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ମନୋରଞ୍ଜନ ଦଳାଇ ୧୭୧ ଖଣ୍ଡ ଭୋଟ୍ ପାଇଛନ୍ତି। ୧୦୪୦ଜଣ ନୋଟାରେ ମୋହର ମାରି ମତ ସାବ୍ୟସ୍ତ କରିଛନ୍ତି। ପ୍ରକାଶଥାଉକି, ୨୦୧୯ ନିର୍ବାଚନରେ ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ମଧ୍ୟ ମୋଟ୍ ୧୨ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେହିବର୍ଷ ସୌଭିକଙ୍କୁ ପ୍ରଥମଥର ନିମନ୍ତେ ବିଜୁ ଜନତା ଦଳରୁ ଟିକଟ ମିଳିଥିଲା। ପଦାର୍ପଣ ସୁଯୋଗରେ ହିଁ ସୌଭିକଙ୍କ ଜିତାପଟ ହୋଇଥିଲା। ସେ ୨୨,୧୦୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟଲାଭ କରିଥିଲେ। ବିଜେପି ନେତା ନୟନ ମଧ୍ୟ ସୌଭିକଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ।



ଭୋଟ ଗଣତି କେନ୍ଦ୍ର ବାହାରେ ଜନାଦେଶ ଜାଣିବାକୁ ଲୋକଙ୍କ ଭିଡ଼।

### ବାରବାଟୀ-କଟକ ବିଧାନସଭା କ୍ଷେତ୍ର

## ସୋଫିଆଙ୍କ ବାଜିମାତ୍, ଆସନ ବଜାୟ ରଖିଲା କଂଗ୍ରେସ

କଟକ,୪।୬(ସମିସ)



ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ରୋଚକ ଲଢେଇରେ ଏଥର କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିରଦୋସ ବାଜିମାତ୍ କରିଛନ୍ତି। ସୋଫିଆ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ୮୦୦୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସୋଫିଆଙ୍କୁ ୫୩,୩୩୯ଭୋଟ ମିଳିଥିବା ବେଳେ ବିଜେପି ପ୍ରାର୍ଥୀ ଡା. ମହାପାତ୍ର ୪୫୩୩୮ଭୋଟ ପାଇଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ପ୍ରକାଶଚନ୍ଦ୍ର ବେହେରା ୪୦୦୩୫ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ବାରବାଟୀ-କଟକ ଭୋଟର ପୁନର୍ବାର କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଗତ ୨୦୧୯ନିର୍ବାଚନରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀଟି କଂଗ୍ରେସ ଦଖଲରେ ଥିଲା। ଗତ ଥର ବିଜେଡି-କଂଗ୍ରେସର ରୋଚକ ଲଢେଇରେ କଂଗ୍ରେସ ପ୍ରାର୍ଥୀ ଇଂ ମହମ୍ମଦ ମୋକିମ ମାତ୍ର ୩୮୭୨ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କୁ ହରାଇଥିଲେ। ବାରବାଟୀ-କଟକରେ ଗତ ଥର ବିଜେପି ପ୍ରାର୍ଥୀ ସମୀର ଦେ ମାତ୍ର ୩୩୮୨୫ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ନିର୍ବାଚନରେ ବିଜେପି ୬ ହଜାର ଅଧିକ ଭୋଟ ପାଇବାକୁ ସକ୍ଷମ ହୋଇଛି। ସେହିପରି ବିଜେଡି ପ୍ରାର୍ଥୀ ପ୍ରକାଶ ଗତ ୨୦୧୯ ତୁଳନାରେ ୬ ହଜାର କମ ଭୋଟ ପାଇଛନ୍ତି। ଏଥର ଅଦାଲତି ବିବାଦରେ ଛନ୍ଦି ହୋଇ ମୋକିମ ନିର୍ବାଚନ ଲଢିବାରୁ ବଞ୍ଚିତ ହୋଇଥିବା ବେଳେ ଝିଅ ସୋଫିଆଙ୍କୁ କଂଗ୍ରେସ ଦଳ ପ୍ରାର୍ଥୀ କରିଥିଲା। ସମଗ୍ର ଜିଲ୍ଲାରେ ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ସୋଫିଆ ବିଜୟୀ ହୋଇଥିବା ଜଣାପଡିଛି। ବିଜେଡି ପ୍ରାର୍ଥୀ ପ୍ରକାଶ ବାହାର ନିର୍ବାଚନମଣ୍ଡଳୀ ତଥା ସାଲେପୁର ଅଞ୍ଚଳର ହୋଇଥିବାରୁ ଏହାକୁ ମଧ୍ୟ ଉଭୟ ବିଜେପି ଓ କଂଗ୍ରେସ ପକ୍ଷରୁ ନିର୍ବାଚନରେ ପ୍ରସଂଗ କରାଯାଇଥିଲା। ଯାହା ବିଜେଡିର ବିଜୟରେ ପ୍ରତିବନ୍ଧକ ହୋଇଥିବା ଚର୍ଚ୍ଚା ହେଉଛି। ୨୦୦୯ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ କଟକ ସହର ନିର୍ବାଚନ ମଣ୍ଡଳୀର କେତେକ ଅଂଶକୁ ନେଇ ଗଠନ ହୋଇଥିଲା ବାରବାଟୀ-କଟକ ବିଧାନସଭା କ୍ଷେତ୍ର। ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେପିକୁ ଏହି ବିଧାନସଭା କ୍ଷେତ୍ରରେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା ବେଳେ ୨୦୨୪ରେ ଦଳ ଭଲ ପ୍ରଦର୍ଶନ କରିପାରିଛି।

## କଟକ ସଦର ନିର୍ବାଚନମଣ୍ଡଳୀରେ ପ୍ରକାଶଙ୍କ ବିଜୟ

କଟକ, ୪।୬(ସମିସ)



ସଦର ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରାଙ୍କୁ ପଛରେ ପକାଇ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶଚନ୍ଦ୍ର ସେଠୀ ୩ହଜାର ୮୦୯ଖଣ୍ଡ ଭୋଟ୍‌ରେ ବିଜୟ ହାସଲ କରିଛନ୍ତି। ବିଜେଡିକୁ ସମୁଦାୟ ୭୯ହଜାର ୫୪୨ ଭୋଟ୍ ମିଳିଥିବା ବେଳେ ବିଜେଡିକୁ ୭୫ହଜାର ୭୩୩ଟି ଭୋଟ୍ ମିଳିଛି। ସେହିପରି ଏହି ଆସନରୁ କଂଗ୍ରେସ ଦଳରୁ ରାମଚନ୍ଦ୍ର ଗୋଛାୟତ ଲଢିଥିବା ବେଳେ ସେ ପରାଜିତ ହୋଇଛନ୍ତି। ତାଙ୍କୁ ସମୁଦାୟ ୭ହଜାର ୧୦ଟି ଭୋଟ୍ ମିଳିଛି। ଏସ୍‌ୟୁସିଆଇ ପକ୍ଷରୁ ଏହି ଆସନରେ ପରମାନନ୍ଦ ସେଠୀ ପ୍ରାର୍ଥୀ ହୋଇଥିଲେ। ସେ ସମୁଦାୟ ୬୭୮ଖଣ୍ଡ ଭୋଟ୍ ପାଇଛନ୍ତି। ନୋଟାରେ ସମୁଦାୟରେ ୧ହଜାର ୭୧ଟି ଭୋଟ୍ ପଡିଛି।

କଟକ ଜିଲ୍ଲା ଅନ୍ତର୍ଗତ ଏହି ନିର୍ବାଚନମଣ୍ଡଳୀ କଟକ ସହରର କିଛି ଅଞ୍ଚଳ, କଟକ ସଦର ବ୍ଲକ୍ ଓ ନିଶ୍ଚିନ୍ତକୋଇଲିର କିଛି ଅଞ୍ଚଳକୁ ନେଇ ଗଠିତ। ଗତ ୨୦୧୯ସାଧାରଣ ନିର୍ବାଚନରେ ଏଠାରୁ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୧ଲକ୍ଷ ୫୫ହଜାର ୭୯୯ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ। ଚନ୍ଦ୍ରସାରଥୀଙ୍କୁ ମିଳିଥିଲା ୮୬ହଜାର ୨୫୪ଖଣ୍ଡ ଭୋଟ୍। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ପ୍ରାର୍ଥୀ ଦିଲ୍ଲୀପ ମଲ୍ଲିକ ୬୦ହଜାର ୧୨୮ଖଣ୍ଡ ଭୋଟ୍ ପାଇଥିଲେ। କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା। କଂଗ୍ରେସ ପ୍ରାର୍ଥୀ ଅଭିଷେକ୍ ମହାନନ୍ଦ ୬ହଜାର ୨୧୪ଖଣ୍ଡ ଭୋଟ ପାଇଥିଲେ। ଏସ୍‌ୟୁସିଆଇର ପରମାନନ୍ଦ ସେଠୀଙ୍କୁ ୧୧୪୭ଖଣ୍ଡ ଓ ସ୍ୱାଧୀନ ପ୍ରାର୍ଥୀ ରାକେଶ ବେହେରାଙ୍କୁ ୬୮୮ଖଣ୍ଡ ଭୋଟ୍ ମିଳିଥିଲା। ଫଳରେ ଚନ୍ଦ୍ରସାରଥୀ ବିଜୟୀ ହୋଇଥିଲେ। ଗତ ନିର୍ବାଚନରେ ନୋଟା ସପକ୍ଷରେ ଯାଇଥିଲା ୧୧୪୫ଖଣ୍ଡ ଭୋଟ୍।



ଗଣତି କେନ୍ଦ୍ରକୁ ଯିବା ପୂର୍ବରୁ ଦସ୍ତଖତ ଦେଉଛନ୍ତି



ଗଣତି କେନ୍ଦ୍ରକୁ ଇଭିଏମ୍‌ଗୁଡ଼ିକୁ ନିଆଯାଉଛି



ବାଲଟ ପେପର ବାକ୍ସଗୁଡ଼ିକୁ ରଖାଯାଉଛି



ଭୋଟଗଣତି କେନ୍ଦ୍ରରେ ଜିଲ୍ଲାପାଳ, ଡିସିପି ଓ ଏଡିସିପି ଅନୁଧ୍ୟାନ କରୁଛନ୍ତି



ଭୋଟ ଗଣତି କେନ୍ଦ୍ରରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା

